# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18 January – 2026

************************************

## ମୁଖ୍ୟ ସମ୍ବାଦ

- ଭବାନୀପାଟଣାଠାରେ ଆୟୋଜିତ ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ସୁଭଦ୍ରା ଯୋଜନାର ନୂତନ ହିତାଧିକାରୀଙ୍କୁ ଆସନ୍ତା ୨୨ ତାରିଖରେ ମିଳିବ ସୁଭଦ୍ରା ସହାୟତାରାଶି
- ଗ୍ରାମୀଣ ନିଯୁକ୍ତି ଓ ଜୀବିକାକୁ ମଜଭୁତ କରିପାରିବବିକଶିତ ଭାରତ-ଜି.ରାମ.ଜି.
- ହୀରାକୁଦ ଜଳଭଣ୍ଡାରରେ ଶେଷ ହେଲା ପକ୍ଷୀଗଣନା

ଏବଂ

- ରାଉରକେଲା ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଦେବ ଇଣ୍ଡିଆ ଏୟାର-ଓ୍ୱାନ୍ କମ୍ପାନୀ

## ମୁଖ୍ୟମନ୍ତ୍ରୀ–କଳାହାଣ୍ଡି ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲା ଗସ୍ତ କରି ଭବାନୀପାଟଣାଠାରେ ଆୟୋଜିତ ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ଉନ୍ନତି ପାଇଁ ପ୍ରାୟ ୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ବିକାଶ ପହଁଞ୍ଚାଇବା ସହ ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ସରକାରଙ୍କର ମୁଖ୍ୟ ଲକ୍ଷ୍ୟ। ରାଜ୍ୟର ପ୍ରଗତି ପଥକୁ ଅଧିକ ପ୍ରଶସ୍ତ କରିବା ଲାଗି ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକ କଳାହାଣ୍ଡିବାସୀଙ୍କର ଜୀବନଧାରଣର ମାନରେ ଉନ୍ନତି ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସୁଭଦ୍ରା ରାଶି

ରାଜ୍ୟରେ ସୁଭଦ୍ରା ଯୋଜନାରେ ନୂତନ ଭାବେ ଯୋଡି ହୋଇଥିବା ୧ ଲକ୍ଷ ୭୮ ହଜାର ୩୯୮ ଜଣ ହିତାଧିକାରୀଙ୍କୁ ଆସନ୍ତା ୨୨ ତାରିଖରେ ସୁଭଦ୍ରା ସହାୟତାରାଶି ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ପୂର୍ବରୁ ସୁଭଦ୍ରା ସହାୟତାରାଶି ଆଜି ମିଳିବ ବୋଲି ଘୋଷଣା କରାଯାଇଥିଲା। ଏପର୍ଯ୍ୟନ୍ତ ସୁଭଦ୍ରା ଯୋଜନାରେ ମୋଟ୍ ୪ ଲକ୍ଷ ୫୭ ହଜାର ୬୮୧ ଜଣ ମହିଳା ସାମିଲ ହୋଇଛନ୍ତି। ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏକସଙ୍ଗରେ ୨ଟି କିସ୍ତିର ଟଙ୍କା ପ୍ରଦାନ

କରାଯିବ। ଅଭିଯୋଗ ଶୁଣାଣି ପରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

## ଜି.ରାମ.ଜି

କେନ୍ଦ୍ର ସରକାରଙ୍କ ବିକଶିତ ଭାରତ-ଜି.ରାମ.ଜି ଗ୍ରାମୀଣ ନିଯୁକ୍ତି ଓ ଜୀବିକାକୁ ମଜଭୁତ କରିପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଝାରସୁଗୁଡ଼ାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଭିବି-ଜି.ରାମ.ଜି ଆଇନ୍ ଦ୍ୱାରା ଗ୍ରାମୀଣ ସ୍ୱାବଲମ୍ବନ, ନିଯୁକ୍ତି ଏବଂ ଜୀବିକାକୁ ସୁଦୃଢ଼ କରାଯିବା ସହିତ ନିମ୍ନ ଆୟବର୍ଗର ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରାଯିବ। ନିରପେକ୍ଷ ସମ୍ବଳ ବଣ୍ଟନ ସହ ଏହି ଯୋଜନାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିରେ ଜଳସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଭିତ୍ତିଭୂମି ଓ ବିପର୍ଯ୍ୟୟ ପ୍ରଶମନ ଉପରେ ପ୍ରାଧାନ୍ୟ ଦିଆଯିବ। ଭିବି-ଜି.ରାମ.ଜିକୁ ପିଏମ୍ ଗତିଶକ୍ତି ସହ ଯୋଡ଼ାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି....

## - V/O - (ମୁକେଶ ମହାଲିଙ୍ଗ)

## ଭିବି-ଜି.ରାମ.ଜି.

ଅନ୍ୟ ଏକ କାର୍ଯ୍ୟକ୍ରମରେ ଭିବି-ଜି.ରାମ.ଜି. ଯୋଜନା ଅଧୀନରେ ଗ୍ରାମୀଣ ଅଂଚଳକୁ ସଶକ୍ତ ଓ ବିକଶିତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି।

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଓ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ପୂରଣ ଦିଗରେ ଏହି ଆଇନ୍ ସହାୟକ ହେବ ବୋଲି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଛନ୍ତି। ମାଲକାନଗିରି ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଯୋଜନାରେ ୧୨୫ ଦିନର କାର୍ଯ୍ୟ ପ୍ରଦାନ ସହ ଜିଓଟ୍ୟାଗିଂ, ବାୟୋମେଟ୍ରି ଉପସ୍ଥାନ ଓ ସାମାଜିକ ସମୀକ୍ଷାର ବ୍ୟବସ୍ଥା କରାଯାଇଛି। ଶ୍ରମିକ ଓ ଚାଷୀମାନେ ଏହି ଯୋଜନାର ଲାଭ ନେବା ପାଇଁ ସାଂସଦ ଆହ୍ୱାନ ଦେଇଛନ୍ତି। ସମ୍ମିଳନୀରେ ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ସଭାପତି ଅଶୋକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ପଥୋତ୍ସବ

ଭୁବନେଶ୍ୱର ଜାଗମରା ଅଂଚଳର ନିୟୁ ରୋଡ୍‌ଠାରେ ବିଏମ୍‌ସି ପକ୍ଷରୁ ଦ୍ୱିତୀୟ ପଥୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଥୋତ୍ସବରେ ପାଇକ ପରାକ୍ରମ ପ୍ରଦର୍ଶନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ କରାଯାଇଥିଲା। ନାଚଗୀତ, ଝୋଟୀ, ଯୋଗ, ସ୍କେଟିଂ, ସାଇକେଲିଂ, ବାସ୍କେଟବଲ୍, ରଙ୍ଗୋଲି, ମ୍ୟାଜିକ୍ ସୋ', ଜୁମ୍ବା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଭିନ୍ନ ସ୍କୁଲ, କଲେଜ୍, କ୍ରୀଡା ସଂଗଠନ, କଳାକାର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ହୀରାକୁଦ-ପକ୍ଷୀ ଗଣନା

ହୀରାକୁଦ ଜଳଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟ **ଶେଷ** ହୋଇଛି । ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଗଣନା କାର୍ଯ୍ୟ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା । ଜଳଭଣ୍ଡାରର

୫୩୩ ବର୍ଗ କିଲୋମିଟର ଅଞ୍ଚଳରେ ପକ୍ଷୀଗଣନା ପାଇଁ ମୋଟ୍ ୩୨ଟି ଦଳ ଗଠନ କରାଯାଇଥିଲା। ଏଥିସହ ପାୱାର କେନାଲର ୫ ଦଶମିକ ୭ ବର୍ଗ କିଲୋମିଟରକୁ ଗଣନାକାର୍ଯ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଚଳିତଥର ମଧ୍ୟ ଛତିଶଗଡ଼ ସୁଖା ସୋଢ଼ା ଓ ଅନ୍ତରାଡି ଯାଏଁ ଏହି ଗଣନା କରାଯାଇଥିଲା। ୩୭ଟି ବୋଟ୍‌ରେ ୯୨ ଜଣ ପକ୍ଷୀଗଣନାକାରୀ ଏଥିରେ ନିୟୋଜିତ ହୋଇଥିଲେ। ପକ୍ଷୀଗଣନା ପାଇଁ ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ମହାନଦୀକୁ ଗୋଟିଏ ଦିନ ପାଇଁ ମତ୍ସ୍ୟଜୀବୀ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। ଆସନ୍ତା ୩ ଦିନ ମଧ୍ୟରେ ପକ୍ଷୀଗଣନାର ଫଳାଫଳ ପ୍ରକାଶ କରାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷ ହୀରାକୁଦକୁ ୧୨୨ ପ୍ରଜାତିର ୩ଲକ୍ଷ ୭୭ହଜାର ୭୩୨ ପକ୍ଷୀ ଆସିଥିଲେ ।

## ପ୍ରଗତି ପ୍ରବାହ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସରକାରଙ୍କ ମୁଖପତ୍ର ପ୍ରଗତି ପ୍ରବାହର ଉନ୍ମୋଚନ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରି କହିଛନ୍ତି, ରାଜ୍ୟ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହଁ, ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହା ଦେଶର ପ୍ରକୃତ ଷ୍ଟାର୍ଟଅପ୍ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଗ୍ରାମର ସଫଳ ଯୁବଚାଷୀ ହୃଦାନନ୍ଦ ବିଶି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ରହିଛି।

## ମୃତ୍ତିକା ଶିବିର

ଢେଙ୍କାନାଳ ଜିଲ୍ଲା ହରିପୁର ଗ୍ରାମରେ ମୃତ୍ତିକା ପରୀକ୍ଷା ନିମନ୍ତେ ଚାଷୀମାନଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷକମାନଙ୍କୁ ମାଟି ପରୀକ୍ଷାର ଗୁରୁତ୍ୱ, ଉର୍ବରତା ଆଦି ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏବଂ ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ଅବଗତ କରାଇଥିଲେ । ଠିକ୍ ସମୟରେ ଚାଷ କରି ଭଲ ଅମଳ ସହ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବା ପାଇଁ ଉପସ୍ଥିତ କୃଷି ବୈଜ୍ଞାନିକମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ବିମାନ ଦୁର୍ଘଟଣା

ରାଉରକେଲା ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରର ଜଣକୁ ନିଯୁକ୍ତି ମିଳିବ ବୋଲି ଆଜି ଇଣ୍ଡିଆ ଏୟାର-ୱାନ୍ ସିଇଓ  ପ୍ରେମ୍ କୁମାର ଗର୍ଗ କହିଛନ୍ତି । ପରିବାରର ଜଣକୁ ଚାକିରି ସହ ଆସନ୍ତା ୫ ମାସ ଯାଏଁ ସମସ୍ତ ଖର୍ଚ୍ଚ ଏହି ସଂସ୍ଥା ବହନ କରିବ । ବିମାନର ଭଗ୍ନାବଶେଷ ଦୁଇ ତିନି-ଦିନ ମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିବ । ବର୍ତ୍ତମାନ ସମୟରେ ତଦନ୍ତ ଜାରି ରହିଥିବାବେଳେ ଅନ୍ତରୀଣ ରିପୋର୍ଟ ଆସନ୍ତା ମାସକ ମଧ୍ୟରେ ଆସିବ ବୋଲି ଶ୍ରୀ ଗର୍ଗ କହିଛନ୍ତି । ଗତକାଲି ବିମାନ ଦୁର୍ଘଟଣାରେ ଗୁରୁତର ସୁଶାନ୍ତ ବିଶ୍ୱାଳଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

ଗତ ୧୦ ତାରିଖରେ ରାଉରକେଲା ବିମାନ ବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିବା ୯ ସିଟ୍ ବିଶିଷ୍ଟ ଏହି ବିମାନଟି ୧୫ରୁ ୨୦ କିଲୋମିଟର ଉଡାଣ କରିବା ପରେ ରଘୁନାଥପାଲି କାନସର ନିକଟସ୍ଥ ପଡ଼ିଆରେ ଜରୁରୀ

ଅବତରଣ କରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାରେ ଦୁଇ ପାଇଲଟ୍‌ଙ୍କ ସମେତ ୬ ଜଣ ଆହତ ହୋଇଥିଲେ।

## ପ୍ରାଣୀସମ୍ପଦ ମେଳା

**ବୌଦ୍ଧ** କଚେରୀ ପଡିଆଠାରେ ଚାଲିଥିବା ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆୟୋଜିତ ସଭାରେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାର ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅନୁଧ୍ୟାନ

**ନୂଆପଡ଼ା** ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ରାଜ୍ୟ ପ୍ରତିନିଧି ଦଳ କାୟାକଳ୍ପ ଆନୁଷଙ୍ଗିକ ବ୍ୟବସ୍ଥା ଓ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଜ୍ୟବସ୍ତୁ ପ୍ରଶମନ, ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଉନ୍ନତ ବ୍ୟବସ୍ଥା, ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତି ସମ୍ପର୍କରେ ପ୍ରତିନିଧିଦଳ ପରାମର୍ଶ ଦେଇଛନ୍ତି। ଡକ୍ଟର ଅମରେଶ ମିଶ୍ରଙ୍କ ପ୍ରତିନିଧିତ୍ୱରେ ଯାଇଥିବା ଅନୁଧ୍ୟାନକାରୀ ଦଳ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବାରେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପ୍ରସ୍ତୁତି ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତିଭୂଷଣ ନାୟକ ଏଥିରେ ଯୋଗଦେଇ ମେଳାରେ ୧୨୦ଟି ଷ୍ଟଲ୍ ଖୋଲାଯାଇ ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ

ପ୍ରଦର୍ଶିତ ହେବ ବୋଲି କହିଛନ୍ତି। ଆସନ୍ତା ଫେବୃୟାରୀ ମାସ ୭ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ।

## ହିନ୍ଦୁ ସମ୍ମିଳନୀ

**ଦେବଗଡ଼** ଜିଲ୍ଲା ବାଳିକା ଉଚ୍ଚବିଦ୍ୟାଳୟ ଛକଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆନୁକୂଲ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ପାଳିତ ହୋଇଯାଇଛି। ଓଡ଼ିଶା-ପଶ୍ଚିମ ପ୍ରାନ୍ତ'ର ମାର୍ଗଦର୍ଶୀ ତଥା ଜିଲ୍ଲା ଆମ୍ବକଟା ଆଶ୍ରମର ମଠାଧୀଶ ସ୍ୱାମୀଶଙ୍କର ଚୈତନ୍ୟଜୀ ମହାରାଜ କାର୍ଯ୍ୟକ୍ରମରେ ଯୋଗଦେଇ ସନାତନୀ ହିନ୍ଦୁ ପରମ୍ପରା ଓ କର୍ତ୍ତବ୍ୟ ଉପରେ ମତ ରଖିଥିଲେ।

## ଫୁଟବଲ୍

**କନ୍ଧମାଳ** ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ କ୍ରୀଡାସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିଅନ୍‌ସିପ୍ ୨୦୨୬ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଂଘ ସଭାପତି ତଥା ଉପଜିଲ୍ଲାପାଳ ପ୍ରଣୀତା ଦାସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୪ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଉପଖଣ୍ଡ କ୍ରୀଡା ସଂଘ କପ୍‌ର ଫୁଟବଲ ଚାମ୍ପିଅନ୍‌ସିପ୍ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ ଆୟୋଜନ ପାଇଁ ସ୍ଥିର କରାଯାଇଛି। ସମ୍ବଲପୁର ଏଫ୍‌ସି, ଡାଇମଣ୍ଡ କପ୍ ଖୋର୍ଦ୍ଧା, ଦୋସ୍ତି ବ୍ରଦର ସୁନ୍ଦରଗଡ଼, ପପୁଲାର କ୍ଲବ୍ ଢେଙ୍କାନାଳ, ୟୁଏସ୍‌ସି ବରଗଡ଼ ଟିମ୍ ଆଦି ଦଳ ମ୍ୟାଚ୍‌ରେ ଅଂଶଗ୍ରହଣ କରିବେ।